

# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ମଇ-୨୦୧୮ (ବୃଷ ସଂକ୍ରାନ୍ତି) MAY - 2018


# ଅକ୍ଷୟ ତୃତୀୟାରେ ଶ୍ରୀବିଗ୍ରହମାନଙ୍କର ରଥ ଅନୁକୂଳ ଓ ଚନ୍ଦନଯାତ୍ରା

**ଅକ୍ଷୟ ତୃତୀୟା ଓ ଏହାର ମାହାତ୍ମ୍ୟ :** ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥି ଅକ୍ଷୟ ତୃତୀୟା ଭାବରେ ସମଗ୍ର ଭାରତ ବର୍ଷରେ ଏକ ପବିତ୍ର ଦିବସ ଭାବେ ପରିଚିତ । ଏହି ଦିନ ହିଁ ସତ୍ୟ ଯୁଗର ପ୍ରାରମ୍ଭର ଦିନ । ଏହି ତିଥିରେ ଯାହା ଦାନ କରାଯାଏ, ତାହା ଅକ୍ଷୟ ହୁଏ ବୋଲି ‘ପଣ୍ଡିତ ସର୍ବସ୍ୱ’ ଗ୍ରନ୍ଥରେ ଉଲ୍ଲେଖ ରହିଛି । ବ୍ରହ୍ମ ପୁରାଣ, ଗଦାଧର ପଦ୍ଧତି ଆଦି ଶାସ୍ତ୍ରମାନଙ୍କରେ ଏହି ଦିନଟିର ଭୂୟସୀ ପ୍ରଶଂସା କରାଯାଇଛି । ଏହି ଦିନ ସ୍ନାନ, ଦାନ, ଜପ, ତପ, ଶୁଦ୍ଧ ଧ୍ୟାନ ଓ ଯଜ୍ଞ ଆଦି କଲେ ଅନନ୍ତ ବା ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ । ଓଡ଼ିଆ ‘ପୂର୍ଣ୍ଣଚନ୍ଦ୍ର ଭାଷାକୋଷ’ ଅନୁସାରେ ଯେଉଁ ତୃତୀୟାରେ ଅନୁଷ୍ଠିତ ଧର୍ମର ଫଳ ଅସରନ୍ତି ଅଟେ, ତାହା ହିଁ ‘ଅକ୍ଷୟ ତୃତୀୟା’ ଅଟେ । ବ୍ରହ୍ମ ପୁରାଣ ଅନୁସାରେ ‘ଦାରୁ ବୃକ୍ଷ ଛେଦନ’ ଏହି ଦିନ ହିଁ ହୋଇଥିଲା । ଏହି ପବିତ୍ର ଦିବସଟି ଓଡ଼ିଶାର ଘରେ ଘରେ ପରିଚିତ । କାରଣ ଏହାର ଏକ ସାମାଜିକ ବୈଶିଷ୍ଟ୍ୟ ମଧ୍ୟ ରହିଛି । ଅକ୍ଷୟ ଫଳଦାୟକ ଏହି ଦିନଟିରେ ସମସ୍ତ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଶ୍ରୀମନ୍ଦିରରେ ଏହି (ଅକ୍ଷୟ ତୃତୀୟା) ଦିନଟିର ଅତ୍ୟନ୍ତ ମହତ୍ୱ ରହିଅଛି । ଲୌକିକତା ଦୃଷ୍ଟିରୁ ‘ଯଥା ଦେହେ ତଥା ଦେବେ’ ଭାବନାରେ ଶ୍ରୀବିଗ୍ରହମାନଙ୍କୁ ପ୍ରଚଣ୍ଡ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଯେଉଁ ଶୀତଳ ଉପଚାର କରାଯାଏ, ତାହା ଆରମ୍ଭ ହୋଇଥାଏ ଏହି ଅକ୍ଷୟ ତୃତୀୟା ଠାରୁ । ଚନ୍ଦନ ଲାଗି, ଆଲଟ ଲାଗି, ପଣାଭୋଗ ଏହି ଦିନ ଠାରୁ ୪୨ ଦିନ ପର୍ଯ୍ୟନ୍ତ ଚାଲୁ ରହେ । ଶ୍ରୀବିଗ୍ରହମାନଙ୍କର ଦୈନନ୍ଦିନ ନୀତିରେ ପ୍ରତିଦିନ ବଡ଼ସିଂହାର ବେଶ ପୂର୍ବରୁ ଚନ୍ଦନଲାଗି ହୋଇଥାଏ । କିନ୍ତୁ ଗ୍ରୀଷ୍ମର ପ୍ରଭାବରୁ ରକ୍ଷା ପାଇବା ପାଇଁ ଏହି ବିଶେଷ ନୀତିମାନ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୁଏ ।

**ରଥ ନିର୍ମାଣ ଅନୁକୂଳ :** ଏହି ପବିତ୍ର ଦିନଟି ଗୁଣ୍ଡିଚା ମହୋତ୍ସବର ଏକ ମହତ୍ୱପୂର୍ଣ୍ଣ ଦିବସ । ରଥ ନିର୍ମାଣର ଶୁଭ ଅନୁକୂଳ ଏହି ଦିନ ହୋଇଥାଏ । ଜଳକ୍ରୀଡ଼ା ପାଇଁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ ‘ଆଜ୍ଞାମାଳ’ ଦେବା ପରେ ତିନି ଠାକୁରଙ୍କ ଠାରୁ ତିନିଖଣ୍ଡ ସ୍ୱତନ୍ତ୍ର ଆଜ୍ଞାମାଳ ରଥ ନିର୍ମାଣ ପାଇଁ ତିନିଜଣ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଣନ୍ତି । ଚନ୍ଦନ ଯାତ୍ରା ଉଦ୍ଦେଶ୍ୟରେ ଶ୍ରୀମନ୍ଦିରରୁ ପାଲିଙ୍କି ଓ ବିମାନରେ ପଞ୍ଚମହାଦେବଙ୍କ ସହିତ ଅତି ଆଡ଼ମ୍ବରରେ ଏହି ତିନିଖଣ୍ଡ ଆଜ୍ଞାମାଳାକୁ ‘ଶ୍ରୀଅଙ୍ଗ’ ଭଳି ଙ୍କା ନକରି ତିନିଜଣ ପୂଜାପଣ୍ଡା ଧରି ଆଗେ ଆଗେ ରଥଖଳା ପର୍ଯ୍ୟନ୍ତ ଯାଇ ଦିଅନ୍ତି । ନୀଳାଦ୍ରି ମହୋଦୟର ୩୬ତମ ଅଧ୍ୟାୟ, ଶ୍ଲୋକ-୫୩ ଓ ୫୪ ରେ ବର୍ଣ୍ଣନା କରାଯାଇଥିବା ମତେ ବନଯାଗ ବିଧି ଓ ରଥ ନିର୍ମାଣ ସଂପୃକ୍ତ ସେବକମାନଙ୍କର ଦେଉଳ ପୁରୋହିତ ହୋମ ବଢ଼ାଇବା (ଶେଷକରିବା) ପରେ ବିଶ୍ୱକର୍ମା (ବଢ଼େଇ) ‘ଶାଢ଼ୀବନ୍ଧା’, ପଢ଼ିଆ କରଣ କରନ୍ତି । ତିନି ରଥ ଉଦ୍ଦେଶ୍ୟରେ ତିନିଖଣ୍ଡ କାଠରେ ଶିଳ୍ପୀମାନଙ୍କ ଦ୍ୱାରା ‘ଅସ୍ତ୍ର ସ୍ପର୍ଶ’ କରାଯାଇ ରଥ ଅନୁକୂଳ କାର୍ଯ୍ୟ ଆରମ୍ଭ କରାଯାଇଥାଏ । ଏହି ବିଧି ଚାଲିବା ସମୟରେ ପାଲିଙ୍କି ଓ ବିମାନାରୂଢ଼ ଶ୍ରୀବିଗ୍ରହମାନଙ୍କର ‘ପ୍ରତିନିଧିମାନେ’ ନିଜେ ସେଠାରେ ଉପସ୍ଥିତ ଥାଇ ସତେ ଯେପରି ଜଗତ ପବିତ୍ର ପାଇଁ ଉଦ୍ଦିଷ୍ଟ ରଥ ନିର୍ମାଣ ଅନୁକୂଳ କାର୍ଯ୍ୟ ତଦାରଖ କରୁଥାନ୍ତି । ଏହା ଏକ ବିରଳ ଦୃଶ୍ୟ । ଉକ୍ତ କାର୍ଯ୍ୟ ସମାପନ ପରେ ମହା ପଟୁଆରରେ ଠାକୁରମାନେ ରଥଖଳାରୁ ଚନ୍ଦନ ପୋଖରୀକୁ ଜଳକ୍ରୀଡ଼ା ପାଇଁ ଯାଆନ୍ତି ।



**ଚନ୍ଦନଯାତ୍ରା ଓ ଜଳକ୍ରୀଡ଼ା :** ଭକ୍ତର ଭାବନା ଅନୁସାରେ ପ୍ରଭୁ ଗ୍ରୀଷ୍ମ ତାପରୁ ଶୀତଳ ରହିଲେ ଜଗତ ମଧ୍ୟ ଶୀତଳ ରହିବ । ‘ନୀଳାଦ୍ରି ମହୋଦୟ’ର ୩୬ତମ ଅଧ୍ୟାୟ ୨୬ ଠାରୁ ୩୪ ଶ୍ଳୋକର ବର୍ଣ୍ଣନାନୁସାରେ - ଜଗତର ତ୍ରିତାପ ଉପଶମ ଓ ହିତ ପାଇଁ ଯେଉଁ ପ୍ରଭୁ ଚନ୍ଦନ ଧାରଣ କରନ୍ତି ଓ ଯାହାଙ୍କ ମଙ୍ଗଳ ଆଳତି କରାଯାଏ, ସେହି ପ୍ରଭୁ ହିଁ ଜଗତର ନାଥ ଶ୍ରୀଜଗନ୍ନାଥ । ଉପର୍ଯ୍ୟୁକ୍ତ ମତେ ଅକ୍ଷୟ ତୃତୀୟା ଠାରୁ ୪୨ ଦିନ ପର୍ଯ୍ୟନ୍ତ ମହାପ୍ରଭୁଙ୍କର କେବଳ ଶୀତଳ ଉପଚାର ହୁଏ ନାହିଁ, ଜଳକ୍ରୀଡ଼ା ମଧ୍ୟ ହୁଏ । ଶ୍ରୀବିଗ୍ରହମାନଙ୍କ ଠାରୁ ପ୍ରତିନିଧି ହିସାବରେ ଜଳକ୍ରୀଡ଼ା ପାଇଁ ଆଜ୍ଞାମାଳ ପାଇ ରାମ, କୃଷ୍ଣ, ମଦନମୋହନ, ଶ୍ରୀଦେବୀ (ଲକ୍ଷ୍ମୀ), ଭୂଦେବୀ, ପଞ୍ଚମହାଦେବଙ୍କ (ଶ୍ରୀଜମ୍ବେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର ଓ ଶ୍ରୀକପାଳମୋଚନ) ସହ ବିମାନ ଓ ପାଲିଙ୍କିରେ ବିଜେ ହୋଇ ନରେନ୍ଦ୍ର ପୁଷ୍କରିଣୀକୁ ଯାଇ ସେଠାରେ ୨୧ ଦିନ ପର୍ଯ୍ୟନ୍ତ ଚାପରେ ବୁଲନ୍ତି ଓ କୁଣ୍ଡମାନଙ୍କରେ ବୁଡ଼ି ଜଳକ୍ରୀଡ଼ା କରିଥାନ୍ତି । ତାହାକୁ ‘ବାହାର ଚନ୍ଦନ’ କୁହାଯାଏ । ପରବର୍ତ୍ତୀ ୨୧ ଦିନକୁ ‘ଭିତର ଚନ୍ଦନ’ କୁହାଯାଏ ।



ଏହି ପରିପ୍ରେକ୍ଷୀରେ ତା. ୧୮.୦୪.୧୮ ରିଖ ବୁଧବାର ଦିନ ଅକ୍ଷୟ ତୃତୀୟା ଅବସରରେ ଶ୍ରୀମନ୍ଦିରରେ ‘ସ୍ୱତନ୍ତ୍ର ନୀତିମାନ’ ପାଳନ ହୋଇଥିଲା । ଘ.୪.୫୫ ମି. ରେ ମଦନମୋହନ ଭିତରକୁ ବିଜେ କରିଥିଲେ । ଘ.୬.୪୦ମି.ରେ ବିମାନକୁ ଠାକୁରମାନେ ବିଜେ କରିଥିଲେ । ଘ.୬.୩୫ମି.ରେ ରଥ ‘ଆଜ୍ଞାମାଳ’ ବିଜେ ହୋଇଥିଲେ । ଘ.୬.୫୦ମି.ରେ ବିମାନ ଉଠିଥିଲେ ଏବଂ ଶେଷରେ ଚନ୍ଦନରୁ ଠାକୁରମାନେ ନୀତିକାନ୍ତି ଶେଷ କରି ରାତ୍ରରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ାବିଜେ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ପ୍ରଦୀପ କୁମାର ଜେନା, କେନ୍ଦ୍ରାଞ୍ଚଳ ଆଇ.ଜି. ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀ ଅରବିନ୍ଦ ଅଗ୍ରୱାଲ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ପ୍ରଶାସକ (ନୀତି) ଡଃ. ପ୍ରଦୀପ କୁମାର ଦାଶ, ପ୍ରଶାସକ (ଉନ୍ନୟନ) ଶ୍ରୀ ବିଶ୍ୱନାଥ ସାହୁ, ପ୍ରଶାସକ (ସୁରକ୍ଷା) ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଏବଂ ପ୍ରଶାସକ (ରାଜସ୍ୱ) ଶ୍ରୀ ମଧୁସୂଦନ ଦାସଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ପାଳିତ ହେଉଥିବା ‘ଦ୍ୱାଦଶ ଯାତ୍ରା’ ମଧ୍ୟରେ ‘ଏହି ‘ଚନ୍ଦନଯାତ୍ରା’ ଏକ ଅନ୍ୟତମ ଯାତ୍ରା । ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହେଉଥିବା ଏହି ଚନ୍ଦନଯାତ୍ରା ଏକ ଦୀର୍ଘକାଳବ୍ୟାପୀ ଯାତ୍ରା ଅଟେ । ଏହା ଭକ୍ତମାନଙ୍କ ପାଇଁ ଏକ ଚିତାକର୍ଷକ ଓ ମନୋମୁଗ୍ଧକର ଯାତ୍ରା ଭାବେ ପରିଚିତ ହୋଇପାରିଛି । ଚଳିତ ବର୍ଷ ୧୭ ଦିନ ଦିନରେ ‘ଦିନ ଚାପ’ ହୋଇପାରିଛି । ଶୃଙ୍ଖଳିତ ଚନ୍ଦନଯାତ୍ରା ନୀତି ପାଇଁ ସମସ୍ତ ନୀତି ସଂପୃକ୍ତ ସେବକ ଓ ସେବକ ନିଯୋଗଙ୍କୁ ମୁଖ୍ୟ ପ୍ରଶାସକ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି :

ତା.୧୪.୦୪.୧୮ରିଖ ଶନିବାର ଦିନ ମହାବିଷୁବ ସଂକ୍ରାନ୍ତି ନିମନ୍ତେ ଦୈନନ୍ଦିନ ନୀତି ପ୍ରକାରେ ମଙ୍ଗଳ ଆଳତି, ଅବକାଶ ନୀତି ବଢ଼ି ସକାଳ ଧୂପ ସରିବା ପରେ ଦକ୍ଷିଣ ଘରୁ ଶ୍ରୀହନୁମାନ ସିଂହାସନକୁ ବିଜେ ହୋଇ ସକାଳ ଧୂପ ବେଶରେ ଲାଗି ହୋଇଥିବା ଆଜ୍ଞାମାଳ ପ୍ରାପ୍ତ ହୋଇ ବିମାନକୁ ବିଜେ କରିଥିଲେ। ଏହାପରେ ପୂଜାପଣ୍ଡା ହାତରେ ଆଣିଥିବା ଆଜ୍ଞାମାଳ ଘରି ଦ୍ୱାରରେ ବିରାଜମାନ କରିଥିବା ମହାବୀର ଏବଂ ବାରଭାଇ ହନୁମାନଙ୍କୁ ଦେଇ ଫେରିବା ପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ଶ୍ରୀହନୁମାନ ବିଜେ କରିଥିଲେ। ସେଠାରେ ଥିବା ମହାବୀରଙ୍କୁ 'ଆଜ୍ଞାମାଳ' ଦିଆଯିବା ପରେ ଦରିଆ ମହାବୀରଙ୍କ ନିକଟକୁ 'ଆଜ୍ଞାମାଳ' ଯାଇଥିଲା। ସେଠାରୁ ଶ୍ରୀହନୁମାନ ଫେରିବାରେ ମଠରେ ଭୋଗ, ବନ୍ଦାପନା ବଢ଼ି ବାହୁଡ଼ା ବିଜେ ହୋଇଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିଲା ପରେ ମହାସ୍ନାନ ହୋଇ ନୂଆଲୁଗା ଲାଗି ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଚନ୍ଦନ ଆଣି ସର୍ବାଙ୍ଗ ଲାଗି କରିବାରେ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା। ପାଣିପଡ଼ି ଭୋଗ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ମଧାହ୍ନ ଧୂପ ପୂଜା ବସି ଟେରା ପଡ଼ିବାରେ ଜଣେ ପୂଜାପଣ୍ଡା, ପତ୍ରିବଡ୍ଡୁ, ଗରାବଡ୍ଡୁ ଓ ରୋଷ ପାଇକ ବଳିଅନ୍ନକୁ ଆଣି ମନ୍ଦିର ଘରିପାର୍ଶ୍ୱରେ ଦିଗବଳୀ ଦେଲା ପରେ ଭିତରକୁ ଯାଇ ଭୋଗ ସମାପନ କରିଥିଲେ ଏବଂ ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ବନ୍ଦାପନା କରିଥିଲେ।



## ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ :

ତା.୨୩.୦୪.୧୮ରିଖ ସୋମବାର ଦିନ ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସକାଳଧୂପ ସରି, ଆଲଟଲାଗି ବଢ଼ିଲା ପରେ ଭିତରେ ପାଣିପଡ଼ି ପୂଜାଠା' ହୋଇଥିଲା। ପୂର୍ବ ରାତ୍ରରୁ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରଖାଯାଇଥିବା ୧୦୮ ଗରା ଜଳକୁ ଛାମୁକୁ ଆଣିବା ପାଇଁ ପାଳିଆ ପ୍ରତିହାରୀ ଡାକି ଆସିଥିଲେ। ଘଣ୍ଟ, ଛତା କାହାଳୀ ପଟୁଆରରେ ଗରାବଡ୍ଡୁମାନେ ମୁହଁରେ ବାଘମୁହାଁ ବାନ୍ଧି ୪ ବାଡ଼ କରି ଜଳକୁ ଛାମୁକୁ ଆଣିଥିଲେ। ଏହାପରେ ପାଳିଆ ପୂଜାପଣ୍ଡା ୩ ଜଣ ଷୋଡ଼ଶ ଉପଚାରରେ ସଂସ୍କାର କଲାପରେ ଦର୍ପଣରେ ଜଳ ଲାଗି କରିଥିଲେ। ପରେ ପାଣିପଡ଼ି ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ଚନ୍ଦନ ବିଜେ ହୋଇ ସର୍ବାଙ୍ଗ ଚନ୍ଦନଲାଗି ହୋଇ ବେଶ ବଢ଼ିଥିଲା। ପରେ ପାଣିପଡ଼ି ମଧାହ୍ନ ଧୂପ ଓ ଯାତଭୋଗ ଏକତ୍ର ଭାବେ ଘଣ୍ଟ, ଛତା, କାହାଳୀ ପଟୁଆରରେ ଛାମୁକୁ ଆସିଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ୩ ଜଣ ପାଳିଆ ପୂଜାପଣ୍ଡା ଭୋଗ ସାରିଥିଲେ। ଭୋଗସରି ପାଣି ପଡ଼ିଲା ପରେ ପୂଜାପଣ୍ଡା ପତିମହାପାତ୍ର, ମୁଦିରସ୍ତ ସିଂହାସନକୁ ଯାଇ ବନ୍ଦାପନା କରିବା ପରେ ପୂଜାପଣ୍ଡା ଆଜ୍ଞାମାଳ ଦେଇଥିଲେ, ଠାକୁରମାନେ ଚନ୍ଦନ ବେଢ଼ାକୁ ବିଜେ କରିଥିଲେ।

## ଶ୍ରୀମନ୍ଦିରରେ ଶ୍ରୀନୃସିଂହ ଚତୁର୍ଦ୍ଦଶୀ :

ତା.୨୮.୦୪.୧୮ରିଖ ଶନିବାର ବୈଶାଖ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତଥା ଶ୍ରୀନୃସିଂହ ଜନ୍ମ ହେତୁ ଚନ୍ଦନ ଚକଡ଼ାରୁ ଠାକୁରମାନେ ଫେରିବା ପରେ ମହାପ୍ରଭୁଙ୍କ ବାଡ଼ରୁ ଏକ ଗୋଟି ଆଜ୍ଞାମାଳ, ଘଣ୍ଟ, ଛତା, କାହାଳୀ ପଟୁଆରରେ ସିଂହଦ୍ୱାର ବାଟେ ଦୋଳମଣ୍ଡପ ସାହି ଦେଇ ଚକ୍ରତୀର୍ଥ ରୋଡ଼ ସ୍ଥିତ ଚକ୍ରନାରାୟଣ ମନ୍ଦିରକୁ ବିଜେ ହୋଇଥିଲା। ଏହାପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ହୋଇ ବେଶ ବଢ଼ିଥିଲା। ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଲା ପରେ ସଂଧ୍ୟାଆଳତି ସମାପନ ହୋଇଥିଲା। ସଂଧ୍ୟାଧୂପ ସରି ପାଣିପଡ଼ିଲା ପରେ ଶ୍ରୀନୃସିଂହ ଦେବ ସିଂହାସନକୁ ଯାଇ ସେଠାରୁ 'ଆଜ୍ଞାମାଳ' ପାଇ ମୁକ୍ତିମଣ୍ଡପକୁ ବିଜେ ହୋଇଥିଲେ। ମୁକ୍ତିମପଣ୍ଡପ ପାର୍ଶ୍ୱରେ ଥିବା ନୃସିଂହଙ୍କୁ ପତିମହାପାତ୍ର, ମୁକ୍ତିମଣ୍ଡପରେ ବିଜେ ନୃସିଂହଙ୍କୁ ପୂଜାପଣ୍ଡା ରୀତିନୀତି ଅନୁଯାୟୀ ଜନ୍ମ ନୀତି ସମାପନ କରିଥିଲେ। ଏଠାରେ ମହାସ୍ନାନ, ଶୀତଳଭୋଗ, ବନ୍ଦାପନା ବଢ଼ିଲା ପରେ ଶ୍ରୀନୃସିଂହ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ ହୋଇଥିଲେ। ଘଣ୍ଟ, ଛତା, କାହାଳୀ ପଟୁଆରରେ ବିମାନ ଜଗନ୍ନାଥ ବଲ୍ଲଭ ଅଭିମୁଖେ ଯାତ୍ରା କଲାପରେ ଭିତରେ ଅନ୍ୟାନ୍ୟ ନୀତିମାନ ହୋଇଥିଲା।



## ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ :

ତା.୧୧.୦୫.୧୮ରିଖ ଶୁକ୍ରବାର ଦିନ ଚନ୍ଦନ ଯାତ୍ରାର ଦୈନନ୍ଦିନ ନୀତି ପ୍ରକାରେ ଯାତଭୋଗ ସରିଲା ପରେ ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ 'ଆଜ୍ଞାମାଳ' ପାଇ ପାଲିଙ୍କିରେ ରୋହିଣୀ କୁଣ୍ଡ ନିକଟସ୍ଥ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ସେଠାରେ ଚନ୍ଦନ କୁଣ୍ଡରେ ବୁଡ଼ି, ମାଜଣା ହୋଇ ବେଶ ହେଲାପରେ ମେକାପ ସରଘରୁ ଶୀତଳଭୋଗ ଆସିଥିଲା। ଭୋଗ ସରିଲା ପରେ ବନ୍ଦାପନା ହୋଇ ବିଥିମାନେ ବାହୁଡ଼ା ବିଜେ କଲାପରେ ମଧାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା। ସ୍ମରଣଯୋଗ୍ୟ ଯେ, ଯେପରି ବାହାର ଚନ୍ଦନ ଯାତ୍ରା ୨୧ ଦିନ ଶ୍ରୀମନ୍ଦିରରେ ଯାତ ଭୋଗ ହୋଇଥାଏ, ଭିତର ଚନ୍ଦନ ଯାତ୍ରା ୨୧ ଦିନ ମଧ୍ୟରେ କେବଳ ୪ ଦିନ ଯାତଭୋଗ ଅନୁଷ୍ଠିତ ହୋଇଥାଏ। ଯଥାକ୍ରମେ ଜଳକ୍ରୀଡ଼ା ଏକାଦଶୀ, ସାବିତ୍ରୀ ଅମାବାସ୍ୟା ଶୀତଳ ଷଷ୍ଠୀ, ରୁକ୍ମିଣୀହରଣ ଏକାଦଶୀ ଏବଂ ପ୍ରଥମ ୩ ଗୋଟି ପର୍ବରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ବିଜେ ହୋଇଥିବା ସ୍ଥଳେ ରୁକ୍ମିଣୀହରଣ ଏକାଦଶୀରେ ଶ୍ରୀଦୋଳଗୋବିନ୍ଦ ଓ ଭୂଦେବୀ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରନ୍ତି। ●

**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ।** *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଭଉଁରୀ ସଂଧ୍ୟାରେ ଭକ୍ତଜନଙ୍କ ମନ ମୋହିଲା ପାରଂପରିକ ନୃତ୍ୟ ଓ ଭକ୍ତି ସଂଗୀତ

ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ବିରାଜମାନ କରିଥିବା ଶ୍ରୀବିଗ୍ରହମାନଙ୍କର, ବର୍ଷକରେ ପାଳିତ ହେଉଥିବା ବିଭିନ୍ନ ଯାନି-ଯାତ୍ରା ମଧ୍ୟରେ 'ଦ୍ୱାଦଶ ଯାତ୍ରା' ଗୁଡ଼ିକ ଅନେକ ଗୁରୁତ୍ୱ ବହନ କରିଥାନ୍ତି । ତନ୍ମଧ୍ୟରୁ 'ଚନ୍ଦନ ଯାତ୍ରା' ଏକ ଦୀର୍ଘକାଳୀନ ଯାତ୍ରା ଅଟେ । ଏହି ଯାତ୍ରା ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ତିଥିରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ବାହାର ଚନ୍ଦନ ଓ ଭିତର ଚନ୍ଦ ଭେଦରେ ଏହା- ଦୁଇ ପ୍ରକାର । ଅକ୍ଷୟ ତୃତୀୟା ଠାରୁ




୨୧ ଦିନ ଶ୍ରୀମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ- ସୁସଜ୍ଜିତ ମଣି ବିମାନରେ ରାମ ଓ କୃଷ୍ଣ- ସୁମଣ୍ଡିତ ପାଲିଙ୍କିରେ, ପଞ୍ଚପାଣ୍ଡବ- ନିଜସ୍ୱ ବିମାନରେ ଆରୂଢ଼ ହୋଇ ନରେନ୍ଦ୍ର ପୁଷ୍କରିଣୀକୁ ନୌବିହାର ନିମନ୍ତେ ଯାତ୍ରା କରିଥାନ୍ତି ।

ଏହି ପରିପ୍ରେକ୍ଷୀରେ ଗତ ତା. ୧୮.୦୪.୧୮ରିଖ ବୁଧବାର ଅକ୍ଷୟ ତୃତୀୟା ଠାରୁ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦ ଓ ଭଦ୍ରା ନାମରେ ଦୁଇଟି ଚାପ ସୁସଜ୍ଜିତ ହୋଇ ରହିଥିଲା । ପ୍ରଥମ ଚାପରେ- ରାମ ଓ କୃଷ୍ଣଙ୍କ ସହି ପଞ୍ଚ ପାଣ୍ଡବ ତଥା ଶ୍ରୀଜମ୍ବେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେୟ, ଶ୍ରୀକପାଳମୋଚନ, ଶ୍ରୀନୀଳକଣ୍ଠେଶ୍ୱର ଏବଂ ଦ୍ୱିତୀୟ ଚାପରେ- ଶ୍ରୀମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀ ବିରାଜମାନ କରି ଚାପକ୍ରୀଡ଼ା କରିଥିଲେ । ପ୍ରତ୍ୟହ ଦିନଚାପ ଓ ରାତ୍ରଚାପ ଅନୁଷ୍ଠିତ ହୋଇଥିଲା । ତା. ୦୭.୦୫.୧୮ରିଖ ସୋମବାର ଦିନ 'ଭଉଁରୀ ଯାତ୍ରା' ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଭଉଁରୀ ନୀତି ସଅଳ ସମ୍ପନ୍ନ ହୋଇଥିଲା । ପୂର୍ବାହ୍ନ ଘ.୧୧.୦୫ମି.ରେ ରଥଖଳାକୁ 'ଆଜ୍ଞାମାଳ' ବିଜେ କରିଥିଲେ ଏବଂ ସେଠାରେ 'ରଥ ଚକା ଡେରା' ଯାଇଥିଲା । ଆଜ୍ଞାମାଳ ପାଇ ଦିଅଁ ବିମାନକୁ ବିଜେ କରିଥିଲେ ଘ.୩.୧୦ମି.ରେ । ଅପରାହ୍ନ ଘ.୩.୩୫ମି. ଚନ୍ଦନ ଉପଲକ୍ଷେ ବିମାନ ଉଠିଥିଲା । ଏହି ସମୟରେ ବଡ଼ଦାଣ୍ଡରେ ଭକ୍ତ ସମାବେଶ ଲାଗି ରହିଥିଲା । ଶୋଭାଯାତ୍ରାରେ ପୁରୀ ସାହି ଯାତର ବିଭିନ୍ନ ପାରମ୍ପରିକ ମେଢ଼, କାହାଳୀ, ଘଣ୍ଟଛତା, ବୈଜୟନ୍ତୀ, କୀର୍ତ୍ତନମଣ୍ଡଳୀ ଏବଂ ପାରମ୍ପରିକ ଲୋକକଳା ଇତ୍ୟାଦି ଦଳମାନେ ସାମିଲ ହୋଇଥିଲେ । ମଣି ବିମାନରେ ମଦନମୋହନଙ୍କ ସହ ଭୂଦେବୀ, ଶ୍ରୀଦେବୀ ଥିବାବେଳେ ଶୋଭାଯାତ୍ରାର ସମ୍ମୁଖ ଭାଗରେ ପାଲିଙ୍କିରେ ରାମକୃଷ୍ଣ ଏବଂ ସର୍ବଶେଷରେ ପଞ୍ଚ ମହାଦେବଙ୍କ ବିମାନମାନ ସାମିଲ ହୋଇଥିଲେ । ଭଉଁରୀରେ ପ୍ରଭୁଙ୍କ ଦିନଚାପକୁ ଭକ୍ତବୃନ୍ଦ ଉପଭୋଗ କରିଥିଲେ । ଦିନଚାପ ପରେ 'ଚନ୍ଦନ କୁଣ୍ଡ'ରେ ଠାକୁରଙ୍କ ସ୍ନାନ ଶେଷ ହୋଇଥିଲା । ଏହାପରେ ଚନ୍ଦନଠାକୁରମାନଙ୍କୁ ପୋଛାପୋଛି ହୋଇ ବେଶ, ଫୁଲ, ଅଳଙ୍କାର ଲାଗି ଆଦି ନୀତି ସମ୍ପନ୍ନ ହୋଇଥିଲା । ତତ୍‌ପରେ ଚନ୍ଦନ ମଣ୍ଡପରେ ମାଣ୍ଡୁଅ ଭୋଗ, ତିନିପଟିଆ, ଚାରିପଟିଆ ଏବଂ କେଳି ଆଦି ଭୋଗ ଖାଇ ଠାକୁରମାନେ ଭଉଁରୀ ନୌବିହାରକୁ ବାହାରିଥିଲେ । ଏହାପରେ ଠାକୁରମାନେ ନରେନ୍ଦ୍ର ପୁଷ୍କରିଣୀର ଚାରିକୋଣ ଏବଂ ପୁଷ୍କରିଣୀ ମଧ୍ୟଭାଗସ୍ଥିତ 'ଦୀପ ଦାଣ୍ଡି' ଚାରିପାର୍ଶ୍ୱରେ 'ଭଉଁରୀ' ବୁଲିବା ଭଳି ଚାପ ଖେଳିଥିଲେ । ଏହି ଚାପକ୍ରୀଡ଼ା ଦୃଶ୍ୟ ଅତୀବ ଚିତ୍ତାକର୍ଷକ ଓ ମନୋମୁଗ୍ଧକର ଥିଲା ।



ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଆମ୍ଭର ମହାପ୍ରଭୁ ହେଲେ ଭାବ, ଭକ୍ତି, ରାସ ଏବଂ ରଙ୍ଗର ଠାକୁର । ସେ ମଧ୍ୟ ଭଜନ ଏବଂ ଜଣାଣ ପ୍ରିୟ । ମହାପ୍ରଭୁଙ୍କ ଚିତ୍ତବିନୋଦନ ପାଇଁ ଅତୀତରେ ଏବଂ ବର୍ତ୍ତମାନ ମଧ୍ୟ ଅନେକ ଗାୟକ-ଗାୟିକା ଭକ୍ତି ସଂଗୀତମାନ ରଚନା କରିବା ସହିତ ଗାୟନ ମଧ୍ୟ କରିଆସୁଅଛନ୍ତି । ସେହି ପରିପ୍ରେକ୍ଷୀରେ ମହାପ୍ରଭୁଙ୍କ ପ୍ରତି କିଛି ଭକ୍ତିର ଅର୍ଘ୍ୟ ଢ଼ାଳିବା/ଅର୍ପଣ କରିବା ନିମନ୍ତେ 'ଶ୍ରୀମନ୍ଦିର ପ୍ରଶାସନ' ତରଫରୁ, ବିଗତ ୧୯୮୨ ମସିହାରୁ ପ୍ରତ୍ୟେକ ବର୍ଷ ନରେନ୍ଦ୍ର ପୁଷ୍କରିଣୀସ୍ଥିତ ଚକଡ଼ା ଠାରେ 'ପାରମ୍ପରିକ ଭକ୍ତି ସଂଗୀତ ସମାରୋହ' ଅନୁଷ୍ଠିତ କରାଯାଉଅଛି । ଏଥିରେ ରାଜ୍ୟ ତଥା ପୁରୀ ସହରର ପ୍ରତିଷ୍ଠିତ ସଙ୍ଗୀତ ଅନୁଷ୍ଠାନମାନେ ମହାପ୍ରଭୁଙ୍କ ଚନ୍ଦନ ଏବଂ ଚାପ ସମୟରେ କେବଳ ପାରମ୍ପରିକ ଓଡ଼ିଶୀ, ଛାନ୍ଦ, ଚମ୍ପୂ ଓ ପୁରାତନ ରଚନାରୁ ଭଜନ ଓ ଜଣାଣ ଗାୟନ କରିଥାନ୍ତି । ସେହି ପରିପ୍ରେକ୍ଷୀରେ ଚଳିତ ବର୍ଷ ତା.୨୪.୦୪.୧୮ରିଖ ଠାରୁ ତା.୦୭.୦୫.୧୮ରିଖ ଦୀର୍ଘ ୧୪ଦିନ ଧରି ନିମ୍ନଲିଖିତ ୧୯ ଗୋଟି ସଙ୍ଗୀତ ଅନୁଷ୍ଠାନମାନ ସନ୍ଧ୍ୟା ୬ଘ. ଠାରୁ ରାତ୍ର ୧୦ଘ. ପର୍ଯ୍ୟନ୍ତ ସଙ୍ଗୀତ ପରିବେଷଣ କରିଥିଲେ । (୧) ଓଡ଼ିଶୀ ବିକାଶ ପରିଷଦ, ନିମାପଡ଼ା (୨) ସୁରଭାରତୀ, ପୁରୀ (୩) ପ୍ରଣତି କଳା ମନ୍ଦିର, ପୁରୀ (୪) ଓଡ଼ିଶା ମ୍ୟୁଜିକ୍ ଏକାଡେମୀ, ପୁରୀ (୫) ଶ୍ରୀଜଗନ୍ନାଥ ଓଡ଼ିଶୀ ବିକାଶ ପରିଷଦ, ପଥର ଆଖଡ଼ା, ପୁରୀ (୬) ଶ୍ରୀପର୍ଣ୍ଣା ସଂଗୀତ ପରିଷଦ, ପୁରୀ (୭) ଜୟଜଗନ୍ନାଥ ଚେତନା ପ୍ରଚାର ଓ ପ୍ରସାର ସାଂସ୍କୃତିକ ସଙ୍ଗଠନ, ଝାଞ୍ଜିର୍ ମଙ୍ଗଳା, କଟକ (୮) ସିଦ୍ଧ ମହାବୀର ସଙ୍ଗୀତ ପରିଷଦ, ପୁରୀ (୯) ମୀରା ମ୍ୟୁଜିକ୍ ସ୍କୁଲ (୧୦) ମା' ଦକ୍ଷିଣକାଳୀ ସଙ୍ଗୀତ କଳା ଏକାଡେମୀ, ପୁରୀ (୧୧) ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ, ପୁରୀ (୧୨) ମୟୂର ସାଂସ୍କୃତିକ ଏକାଡେମୀ, ପୁରୀ (୧୩) ଲିଙ୍ଗରାଜ କଳାନିକେତନ, ପୁରୀ (୧୪) ଶ୍ୟାମସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟ, ପୁରୀ (୧୫) ଓଡ଼ିଶା ସଙ୍ଗୀତ ପରିଷଦ, ପୁରୀ (୧୬) ସଂଗୀତ କଳା ପ୍ରତିଷ୍ଠାନ, ପୁରୀ (୧୭) ରୂପଶ୍ରୀ କଳାମନ୍ଦିର, ପୁରୀ (୧୮) ପୁରୀ ଡ୍ୟାନସ୍ ଏକାଡେମୀ, ପୁରୀ (୧୯) ଶ୍ରୀକ୍ଷେତ୍ର କଳାକାର ମଞ୍ଚ, ପୁରୀ ।

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ଅବସରରେ ଶ୍ରୀକ୍ଷେତ୍ର ପାରମ୍ପରିକ ସଙ୍ଗୀତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୩ ଜଣ ବରିଷ୍ଠ ତଥା ପ୍ରତିଷ୍ଠିତ ଶିଳ୍ପୀଙ୍କୁ 'ଶ୍ରୀମନ୍ଦିର ପ୍ରଶାସନ' ତରଫରୁ ମୁଖ୍ୟ ପ୍ରଶାସକ ଶ୍ରୀ ପ୍ରଦୀପ କୁମାର ଜେନା, ମାନପତ୍ର, ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ । ସେମାନେ ହେଲେ (୧) ପାରମ୍ପରିକ ସଙ୍ଗୀତ ଶିକ୍ଷାଦାନ କ୍ଷେତ୍ରରେ- ଗୁରୁ ଶ୍ରୀ ଗୌରାଙ୍ଗ ଚରଣ ଖୁଣ୍ଟିଆ (୨) ପାରମ୍ପରିକ ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରରେ- ଗୁରୁ ଶ୍ରୀ ଭାଗିରଥୀ ପ୍ରତିହାରୀ (୩) ପାରମ୍ପରିକ ବାଦ୍ୟଯନ୍ତ୍ର (ପଖାଉଜ) ବାଦନ କ୍ଷେତ୍ରରେ-ଗୁରୁ ଶ୍ରୀ ଲିଙ୍ଗରାଜ ବେହେରା । ଏତଦ୍‌ବ୍ୟତୀତ ଗୁରୁ ଶ୍ରୀ ରାମହରି ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଶ୍ରୀ ବିଜୟ ଜେନା ଏବଂ ଗୁରୁ ଶ୍ରୀ କେଶବ ରାଉତ 'ଓଡ଼ିଶୀ ସଙ୍ଗୀତ' ପରିବେଷଣ କରିଥିବାରୁ ମୁଖ୍ୟ ପ୍ରଶାସକ ମହାପ୍ରଭୁଙ୍କ 'ଲାଗି ଖଣ୍ଡୁଆ' ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ଏହି ସଙ୍ଗୀତ ସମାରୋହରେ ଭକ୍ତି ସଙ୍ଗୀତ ପରିବେଷଣ କରିଥିବା ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା । ପୁରୀର ବରିଷ୍ଠ କଣ୍ଠଶିଳ୍ପୀମାନେ ମଧ୍ୟ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ । ଏହି ଉଦ୍‌ଯାପନ ସମାରୋହରେ ପୁରୋଧା ରୂପେ ଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ପ୍ରଦୀପ କୁମାର ଜେନା । ପ୍ରଶାସକ (ନୀତି) ଡଃ. ପ୍ରଦୀପ କୁମାର ଦାଶ, ପ୍ରଶାସକ (ଉନ୍ନୟନ) ଶ୍ରୀ ବିଶ୍ୱନାଥ ସାହୁ, ପ୍ରଶାସକ (ସୁରକ୍ଷା) ଶ୍ରୀ ପ୍ରଫୁଲ କୁମାର ମିଶ୍ର ଏବଂ ପ୍ରଶାସକ (ରାଜସ୍ୱ) ଶ୍ରୀ ମଧୁସୂଦନ ଦାସ ମଞ୍ଚାସୀନଥିଲେ । ଲୋକ-ସମ୍ପର୍କ ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ପୂଜାପଣ୍ଡା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ।



# ସ୍ୱତ୍ୱଲିପିରେ ଶ୍ରୀଗୁଣ୍ଡିଚାବାଡ଼ି ନୀତି

## ଦ୍ୱାଦଶ ଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣି : (୫) ରଥଯାତ୍ରା- ଶ୍ରୀଗୁଣ୍ଡିଚାବାଡ଼ି ନୀତି

*ପୂର୍ବ ପ୍ରକାଶିତ ଉତ୍ତାରୁ...*

ନିମ୍ନଲିଖିତ ସେବକମାନଙ୍କ ଦ୍ୱାରା ଏହି ନୀତିକାର୍ଯ୍ୟ ସମ୍ପନ୍ନ ହୁଏ -

(୧) ପତି ମହାପାତ୍ର, (୨) ଦଇତାପତି (୩) ଗରାବଡୁ (୪) ପାଳିଆମେକାପ, (୫) ଘଟୁଆରୀ, (୬) କୋଠ ସୁଆଁସିଆ, (୭) ସୁଦ୍ଧ ସୁଆର (୮) ପାଳିଆ ପୂଜାପଣ୍ଡା, (୯) ପାଳିଆ ପଶୁପାଳକ ।

ଠାକୁର ରଥରୁ ବିଜେ ହେଲା ପରେ ଚଙ୍ଗଡ଼ା ମେକାପ ଚକା ଅପସରମାନ ନେଇ ଚାର ଉପରେ ରଖିଥାଏ । ଠାକୁର ସିଂହାସନରେ ବିଜେ ହେବା ପରେ ଦଇତାପତିମାନେ ରୁନ୍ଧା ବଢ଼ାନ୍ତି । ତାପରେ ପତିମହାପାତ୍ରେ ଗରାବଡୁ ଠାରୁ ହାତୁଆଣି ନେଇ ଘଟୁଆରି ଦେଇଥିବା ଚନ୍ଦନ ତିନୋଟି ରୂପା ପିଙ୍ଗଣରେ ପାଳିଆ ମେକାପ ଠାରୁ ନେଇ ଉପରେ ସର୍ବାଙ୍ଗ ଲାଗି କରନ୍ତି ଓ ବନ୍ଦାପନା କରି ଶ୍ରୀମୁଖ ଖଣ୍ଡୁଆ ପକାଇ ବାହାରକୁ ଚାଲି ଆସନ୍ତି । କୋଠ ସୁଆଁସିଆମାନେ ଭିତରକୁ ଯାଇ ସିଂହାସନରୁ ପହଣ୍ଡି ସମୟରେ ପଡ଼ିଥିବା ଚାର ଫିଟାନ୍ତି । ଚାର ଫିଟିବା ପରେ ଦଇତାମାନେ ସୁଦର୍ଶନଙ୍କୁ ସିଂହାସନ ଉପରକୁ ବିଜେ କରାନ୍ତି । ଭିତର ଧୋପଖାଳ କରି ଚୂନପାଣି ପଡ଼ିବା ପରେ ସୁଦ୍ଧସୁଆର ଗନ୍ଧଣମେକାପ ଘରଠାରୁ ମହାସ୍ନାନ ସାମଗ୍ରୀ ଆଣି ତିନି ବାଡ଼ ମହାସ୍ନାନ ପୂଜାଠା କରନ୍ତି । ତିନିଜଣ ପାଳିଆ ପୂଜାପଣ୍ଡା ମହାସ୍ନାନ ବଢ଼ାନ୍ତି । ଏହାପରେ ତିନିଜଣ ପାଳିଆ ପଶୁପାଳକ ହାତୁଆଣୀ ନେଇ ମଇଲମ କରନ୍ତି । ମାଳ ଫୁଲ ଲାଗି କରନ୍ତି । ଏ ସମୟକୁ ପ୍ରାୟ ଭୋର ହୋଇ ଯାଇଥାଏ । ମଙ୍ଗଳ ଆଳତି ଇତ୍ୟାଦି ଦୈନନ୍ଦିନ ନୀତି କ୍ରମାନ୍ୱୟରେ ହୁଏ । କିନ୍ତୁ ଶ୍ରୀଗୁଣ୍ଡିଚା ଠାରୁ ବାହୁଡ଼ା ଯାଏ ଭୋଗ ମଣ୍ଡପ ପରେ ଦୈନିକ ମହାସ୍ନାନ ସର୍ବାଙ୍ଗ ଓ ନୂଆଲୁଗା ଲାଗି ହୁଅନ୍ତି । ଗୁଣ୍ଡିଚା ଘରେ ବଲ୍ଲଭ ସର୍ପା ମଣୋହି ପୂଜା ହୁଏ ।



### ହେରା ପଞ୍ଚମୀ

ନିମ୍ନଲିଖିତ ସେବକମାନଙ୍କ ଦ୍ୱାରା ଏହି ନୀତି କାର୍ଯ୍ୟ ସମ୍ପନ୍ନ ହୁଏ :

(୧) ପାଳିଆ ପଶୁପାଳକ (୨) ଚଙ୍ଗଡ଼ା ମେକାପ (୩) ପାଳିଆ ମେକାପ, (୪) ପୂଜାପଣ୍ଡା, (୫) ମୁଦୁଲି, (୬) ମହାଜନ, (୭) ବିମାନବଡୁ (୮) ପତ୍ରି, (୯) ଭିତରଛ ମହାପାତ୍ର, (୧୦) ଗରାବଡୁ । ଆଷାଢ଼ ଶୁକ୍ଳଷଷ୍ଠୀ ଦିନ ହୁଏ (ରଥ ଯାତ୍ରା ଠାରୁ ୫ ଦିନ) ଭଣ୍ଡାର ଘରେ ବିଜେ ହୋଇଥିବା ଲକ୍ଷ୍ମୀଙ୍କୁ ପାଳିଆ ମହାଜନମାନେ ମାଜଣା କରନ୍ତି । ଏହାପରେ ବନକ ଲାଗି ହୋଇ ଚଙ୍ଗଡ଼ା ମେକାପ ଦେଇଥିବା ପାଟଶାଢ଼ୀ ଓ ଭଣ୍ଡାରଘରୁ ଯାଇଥିବା ଅଳଙ୍କାର ଲାଗି ବଢ଼ିବା ପରେ ପାଳିଆ ମେକାପ, ପଢ଼ିଆରୀ ଓ ମୁଦୁଲି ଦେବା ପନ୍ତିଭୋଗ ପୂଜାପଣ୍ଡା ଭୋଗ କରନ୍ତି । ତା'ପରେ ମହାଜନମାନେ ବିଜେ କରାଇ ନେଇ ବଟତଳେ ଥିବା ବିମାନରେ ବସାଇ ଘଣ୍ଟ, କାହାଳୀ, ବାଜା ବାଜି ଛତାର ଛତାଧରି ବିମାନବଡୁମାନେ ବିମାନ ସିଂହଦ୍ୱାର ଦେଇ ବଡ଼ଦାଣ୍ଡରେ ଗୁଣ୍ଡିଚା ଘରକୁ ନେଇ ମହାପ୍ରଭୁଙ୍କ ରଥ ପାଖରେ ଠିଆ ହୁଅନ୍ତି । ଏଠାରେ ପତିମହାପାତ୍ର ଘୋଡ଼ା ଉପରେ ଠିଆ ହୋଇ (କାଠ ଘୋଡ଼ା ମନ୍ଦିରକୁ ଯାଇଥାଏ) ପ୍ରସାଦ ଲାଗି ବନ୍ଦାପନା ଓ ଚାମର ଆଲଟ କରନ୍ତି । ଘସା ବିଡ଼ିଆ ଓ ଦହିପଟି ମଣୋହି କରାନ୍ତି । ଏ ମଧ୍ୟରେ ଗୁଣ୍ଡିଚା ଘରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ପରେ ଶାଢ଼ୀ ଲାଗି ହୋଇ ଆରତି ବଢ଼େ । ଆରତି ବଢ଼ିବା ପରେ ମହାପ୍ରଭୁଙ୍କ ବାଡ଼ରେ ମହାସ୍ନାନ (ପଞ୍ଚାମୃତ) ବଢ଼େ । ତାପରେ ତିନି ବାଡ଼ରେ ସର୍ବାଙ୍ଗ ହୋଇ ବେଶ ହୋଇ ଓ ସନ୍ଧ୍ୟା ଧୂପ ଉଠି ପୂଜାପଣ୍ଡା ବସିଥାନ୍ତି । ଲକ୍ଷ୍ମୀ ରଥଠାରେ ନୀତି ବଢ଼ାଇ ଜଗମୋହନ ଜୟବିଜୟ ଦ୍ୱାରଠାକୁ ଆସିଥାନ୍ତି । ପତିମହାପାତ୍ରେ  ସିଂହାସନ ଉପରେ ଉଠି ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଲକ୍ଷ୍ମୀଙ୍କୁ ଦେଲା ପରେ ପୂଜାପଣ୍ଡା ପୂଜା ବଢ଼ାଇ ଧୂପ ଦୀପ ଦେଇ ଟେରା ପକାନ୍ତି । ଲକ୍ଷ୍ମୀଙ୍କ ବିମାନ ଜଗମୋହନରୁ ନାକଚଣା ଦୁଆର ଦେଇ ତେନ୍ତୁଳି ଗଛ ଥିବା ଠାରେ ରଖାଯାଏ । ସେଠାରେ ଭିତରଛ ମହାପାତ୍ର ଗରାବଡୁ ଠାରୁ ହାତୁଆଣି ନେଇ ବନ୍ଦାପନା କରନ୍ତି ଓ ଦହିପଟି ମଣୋହି କରାନ୍ତି । ଏହାପରେ ବିମାନ ଶ୍ରୀଜଗନ୍ନାଥଙ୍କ ରଥ ପାଖକୁ ନେଇ ସେବକ ଭିତରୁ ଜଣେ ରଥର ଖଣ୍ଡିଏ କାଠ ଭାଙ୍ଗି ଦେଇ ହେରା ଗୋହିରୀ ସାହି ଦେଇ ବଡ଼ ଦେଉଳକୁ ବିଜେ କରନ୍ତି ।

● (କ୍ରମଶଃ...)

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର- ଚନ୍ଦନ ଯାତ୍ରା ପଟୁଆରରେ ସର୍ବମୋଟ କେତେ ଗୋଟି ବିମାନ ଏବଂ ପାଲିଙ୍କିରେ ଠାକୁରମାନେ ବିଜେ କରିଥାନ୍ତି ?

ଉ - ସାତଗୋଟି । ଯଥା- ମଣିବିମାନ, ରାମକୃଷ୍ଣ ପାଲିଙ୍କି ଏବଂ ପଞ୍ଚ ମହାଦେବଙ୍କର ପାଞ୍ଚ ଗୋଟି ବିମାନ ଏପରି ସର୍ବମୋଟ ସାତଗୋଟି ।

୨. ପ୍ର - ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା ପାଇଁ ଦୁଇଗୋଟି ଚାପରେ ବିଜେ କରିଥିବା ଠାକୁରମାନଙ୍କ ମୋଟ ସଂଖ୍ୟା କେତେ ?

ଉ - ଦଶ, ଯଥା- (୧) ଶ୍ରୀମଦନମୋହନ (୨) ଶ୍ରୀଦେବୀ (୩) ଭୂଦେବୀ (୪) ଶ୍ରୀରାମ (୫) ଶ୍ରୀକୃଷ୍ଣ (୬) ଶ୍ରୀଜମ୍ବେଶ୍ୱର (୭) ଶ୍ରୀଲୋକନାଥ (୮) ଶ୍ରୀମାର୍କଣ୍ଡେଶ୍ୱର (୯) ଶ୍ରୀକପାଳମୋଚନ (୧୦) ଶ୍ରୀନୀଳକଣ୍ଠ ।

୩. ପ୍ର - ଚନ୍ଦନ ଯାତ୍ରାର ମୁଖ୍ୟ ଆକର୍ଷଣ ଚାପ ଦୁଇଟିର ନାମ କ'ଣ ?

ଉ- ନନ୍ଦା ଏବଂ ଭଦ୍ରା ।

୪. ପ୍ର - ଚାପ ଦୁଇଟି ଆଗରେ ଥିବା ଡଙ୍ଗା (ଯେଉଁଥିରେ ବାଦ୍ୟାଦି ପରିବେଷଣ କରାଯାଏ) ଟିର ନାମ କ'ଣ ?

ଉ - ବଜନ୍ତରୀ ଡଙ୍ଗା ।

୫. ପ୍ର - ଶ୍ରୀମଦ୍‌ଭଗବତ ଗୀତାର ଅନ୍ୟ ନାମ କ'ଣ ?

ଉ - ଗୀତୋପନିଷଦ

୬. ପ୍ର - ଗୀତାରେ  କେତେ ଜଣ ମୁଖ୍ୟ ଚରିତ୍ର ସନ୍ନିବେଶିତ ?

ଉ - ଚାରିଜଣ (ଶ୍ରୀକୃଷ୍ଣ, ଅର୍ଜୁନ, ସଞ୍ଜୟ ଓ ଧୃତରାଷ୍ଟ୍ର)

୭. ପ୍ର - ଶ୍ରୀକୃଷ୍ଣଙ୍କ ଶଙ୍ଖର ନାମ କ'ଣ ?

ଉ - ପଞ୍ଚଜନ୍ୟ ।

୮. ପ୍ର - ଯୁଧିଷ୍ଠିରଙ୍କ ଶଙ୍ଖର ନାମ କ'ଣ ?

ଉ - ଅନନ୍ତ ବିଜୟ ।

୯. ପ୍ର- ଭୀମଙ୍କ ଶଙ୍ଖର ନାମ କ'ଣ ?

ଉ- ପୌଣ୍ଡ୍ର ବା ପୌଣ୍ଡ୍ରକ ।

୧୦. ପ୍ର- ଅର୍ଜୁନଙ୍କ ଶଙ୍ଖର ନାମ କ'ଣ ?

ଉ- ଦେବଦତ୍ତ ।

୧୧. ପ୍ର- ନକୁଳ ବାଦନ କରିଥିବା ଶଙ୍ଖର ନାମ କ'ଣ ?

ଉ- ସୁଘୋଷ ।

୧୨. ପ୍ର- ସହଦେବଙ୍କ ଶଙ୍ଖକୁ କ'ଣ କୁହାଯାଏ ?

ଉ- ମଣିପୁଷ୍ପକ

*ପଦ୍ମନାଭ ପଣ୍ଡା*
*● ବଙ୍ଗାଳୀ ତୋଟା, ବସ୍ତ୍ରାଣ୍ଡ ପଚ୍ଛପଟ, ପୁରୀ*

ଯୁଗେ ଯୁଗେ ରଥଯାତ୍ରା .....

## ୧୯୦୩ ମସିହା ପୁରୀ ରଥଯାତ୍ରା

(ଭାଗ-୩୮-ସଂଖ୍ୟା ୨୭ - ତା ୪ ରିଖ, ଜୁଲାଇ)

*ପୂର୍ବପ୍ରକାଶିତ ଉତ୍ତାରୁ ....*

ତା ୨୪ରିଖ ବୁଧବାର ନବଯୌବନ ଦର୍ଶନ । ଗତବର୍ଷ ନବଯୌବନ ଦର୍ଶନ ନିଷିଦ୍ଧ ହେବାରୁ ଯାତ୍ରିମାନଙ୍କର ଅସୀମ କଷ୍ଟ ହୋଇଥିଲା । ଏ ବର୍ଷ ରଥଯାତ୍ରାରେ ସବୁ ନୂତନ ଓ ଅଦ୍ଭୁତ ଦେଖାଯାଇଅଛି । ସୁଯୋଗ୍ୟ ମେନେଜର ବାବୁ ରାଜକିଶୋର ଦାସ ଏଠାରେ ପହୁଞ୍ଚିବା ଦିନଠାରୁ ପୂର୍ବ ପ୍ରଥା ଓ ଶାସ୍ତ୍ରାନୁଯାୟୀ ଶ୍ରୀଜିଉଙ୍କ ନୀତି ଚଳିବା ବିଷୟରେ ସମ୍ପୂର୍ଣ୍ଣ ଇଚ୍ଛା ରଖି ତାହାଙ୍କର ମାନସିକ ଯତ୍ନ ଓ ଅଧ୍ୟବସାୟ ଦ୍ୱାରା ଯାହା ବହୁକାଳରୁ ଦେଖା ନଥିଲା ଏବଂ ପୂର୍ବରେ ଯାହା ଶୁଣା ଯାଉଥିଲା ଏ ବର୍ଷ ରଥ କାର୍ଯ୍ୟମାନଙ୍କରେ ତାହା ପ୍ରତ୍ୟକ୍ଷ ଦେଖାଗଲା । ରଥର ସମସ୍ତ କାର୍ଯ୍ୟ ସୁଦୃଢ଼ ଏବଂ ପରିପାଟି ରୂପେ ସମ୍ପନ୍ନ ହୋଇଥିଲା । ରକ୍ଷିପଟା, ହଂସପଟା, ଝରା ଫରୁଆ ପ୍ରଭୃତି ଏବଂ ସ୍ଥାୟୀ ଚିତ୍ର କାର୍ଯ୍ୟମାନ ରଥର ଶୋଭା ବର୍ଦ୍ଧନ କରିଥିଲା । ଅତିରିକ୍ତ ବଢ଼େଇ କମାର ପ୍ରଭୃତି ନିଯୁକ୍ତ କରାଯାଇ ଦିବା ରାତ୍ର କାର୍ଯ୍ୟ ଲାଗବାରୁ ଶ୍ରୀଗୁଣ୍ଡିଚା ପୂର୍ବ ଦିନରୁ ରଥର ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା । ରଥର ସିଂହାସନର ଉପରିସ୍ଥ କନକମଣ୍ଡପ ନାମମାତ୍ର ହୋଇ ତାଟି ଦିଆହୋଇ ଆସୁଥିଲା । ସୁତରାଂ ବର୍ଷା ସମୟରେ ଠାକୁରମାନଙ୍କ ଉପରେ ଜଳ ପଡ଼ିଥିଲା । କିନ୍ତୁ ଏ ବର୍ଷ ରୀତିମତ କନକମଣ୍ଡପରେ ପଟା ଦିଆ ହୋଇ ତାହା ଉପରେ ତାଟି ଓ ଚନ୍ଦ୍ରାରିପ ଦିଆହୋଇ ଥିବାରୁ ବର୍ଷା ସମୟରେ ଜଳ ପଡ଼ିବାର କୌଣସି ଶଙ୍କା ନଥିଲା ।

କିନ୍ତୁ ଏ ବର୍ଷ ମେନେଜର ମହୋଦୟଙ୍କର ସୁବନ୍ଦୋବସ୍ତ ଯୋଗୁ ଉକ୍ତ ଦିବସ ରାତ୍ର ପ୍ରାୟ ଘ ୨ ଣ୍ଟା ଠାରୁ ଦର୍ଶନ ଆରମ୍ଭ ହୋଇଥିଲା ଏବଂ ପରଦିନ ଦିବା ଘ ୧୧ ଣ୍ଟା ପର୍ଯ୍ୟନ୍ତ ଯାତ୍ରୀମାନେ ସୁଖରେ ଦର୍ଶନ କରିଥିଲେ ଏବଂ ପୁଲୀସ ରହି କେବଳ ଶାନ୍ତିରକ୍ଷା କରିଥିଲେ । ଏହାଦ୍ୱାରା ଯାତ୍ରୀ ଓ ସାଧାରଣ ମଧ୍ୟରେ ମେନେଜରଙ୍କର ବିଶେଷ ସୁପ୍ରଶଂସା ପ୍ରଚାର ହୋଇଥିଲା । ତା ୨୫ରିଖ ଗୁରୁବାର ଅପରାହ୍ନ ଘ ୩ୟ ଣ୍ଟା ସମୟରେ ରଥ ସିଂହଦ୍ୱାର ଯିବାର ଉଦ୍‌ଯୋଗ ହେଲା । ପୁଲୀସ ସାହେବ ଦଳବଳ ସହିତ ଉପସ୍ଥିତ ଥିଲେ । ଚତୁର୍ଦ୍ଦିଗରେ ଦଫାଦାରମାନେ ଦଉଡ଼ି ଧରି ଜଗି ରହିଥିଲେ । ପୂର୍ବରୁ ରଥ ଦୃଢ଼ତା ସମ୍ବନ୍ଧେ ଇଞ୍ଜିନୀୟର ସାହେବ ସାର୍ଟିଫିକେଟ ଦେଇଥିଲେ ସନ୍ଧ୍ୟା ପୂର୍ବରୁ ତିନିରଥ ସିଂହଦ୍ୱାରରେ ଲାଗିଥିଲା । ତା ୨୬ରିଖ ଶୁକ୍ରବାର ଶ୍ରୀଗୁଣ୍ଡିଚା ଦିନ ଦିବା ଘ ୧୨ ଣ୍ଟା ପୂର୍ବରୁ ରଥମଣ୍ଡନ ପ୍ରତିଷ୍ଠା ଓ ଖେଚଡ଼ି ଭୋଗ ଶେଷ ହୋଇଥିଲା । ନାନାବର୍ଣ୍ଣର ଉତ୍କୃଷ୍ଟ ଓ ଧ୍ୱଜାବଳୀଦ୍ୱାରା ରଥତ୍ରୟ ଅପୂର୍ବ ଶ୍ରୀ ଧାରଣ କରିଥିଲା । ମଧ୍ୟାହ୍ନ ପ୍ରାୟ ଘ ୧୨ୟ ଣ୍ଟା ସମୟରେ ପହଣ୍ଡି ବିଜେ ଆରମ୍ଭ ହୋଇ ତା ଘ ୨ୟ ଣ୍ଟା ଠାରେ ଠାକୁରମାନେ ରଥାରୁଢ଼ ହେଲେ । ତା ୨୭ରିଖ ଶନିବାର ପୂର୍ବାହ୍ନରେ ବଳଦେବଜୀଉଙ୍କ ରଥ ହାସପିଟାଲ ସମ୍ମୁଖସ୍ଥ ପୋଲ ଉପରେ ରହିଲା । ଅପରାହ୍ନରେ ଉକ୍ତ ରଥ ଗୁଣ୍ଡିଚା ମନ୍ଦିରରେ ଉପସ୍ଥିତ ହେଲା ଏବଂ ଦେବୀ ରଥ ପୋଲ ନିକଟରେ ରହିଲା । ତା ୨୮ରିଖ ରବିବାର ଶ୍ରୀଜଗନ୍ନାଥଦେବଙ୍କ ରଥ ଦେବୀ ରଥର ପଶ୍ଚାଦ୍‌ବର୍ତ୍ତୀ ହେଲା । ଅପରାହ୍ନରେ ଏଇ ଦୁଇରଥ ଗୁଣ୍ଡିଚା ମନ୍ଦିରରେ ଲାଗିଲେ । ଶ୍ରୀଗୁଣ୍ଡିଚା ସୁଦ୍ଧା ତିନିଦିନ ଗୁଣ୍ଡିଚା ମଣ୍ଡପରେ ଉପସ୍ଥିତ ହେଲେ । ତା ୨୯ରିଖ ସୋମବାର ଦିନ ଅପରାହ୍ନ ପ୍ରାୟ ଘ ୩ ଣ୍ଟା ସମୟରେ ପହଣ୍ଡି ଆରମ୍ଭ ହୋଇ ସନ୍ଧ୍ୟାରେ ପ୍ରଭୁମାନେ ଗୁଣ୍ଡିଚାମଣ୍ଡପ ସିଂହାସନାଧିରୁଢ଼ ହେଲେ । ଏହି ଦିନଠାରୁ ଜୁଲାଇ ତା.୩ ରିଖ ଶୁକ୍ରବାର ସୁଦ୍ଧା ଏ ବର୍ଷ ପାଞ୍ଚଦିନ ଗୁଣ୍ଡିଚା ମଣ୍ଡପରେ ଅନ୍ନଭୋଗ ହେବ । ଏକଦିନ ମାତ୍ର ଅନ୍ନଭୋଗ ହେବାର କଷ୍ଟକର ହୋଇଥିଲା । କେବେ ୨ ଦୁଇ ତିନିଦିନ ହେଲେ ଲୋକେ ପୂର୍ଣ୍ଣଭୋଗ ବୋଲି କହନ୍ତି । କିନ୍ତୁ ଏ ବର୍ଷ ଯେ ପାଞ୍ଚଦିନ ଭୋଗ ହେଲା ଏହା କେବେ ଦେଖା ନଥିଲା । ତା ୩୦ ରିଖ ମଙ୍ଗଳବାର ଦେବୀ ରଥ ଦକ୍ଷିଣ ମୂର୍ତ୍ତି ହୋଇଅଛି ସ୍ନାନ ପୂର୍ଣ୍ଣିମାକୁ ଯେଉଁ ଯାତ୍ରୀ ଆସିଥିଲେ ସେମାନଙ୍କ ମଧ୍ୟରୁ ଅନେକ ସ୍ନାନପୂର୍ଣ୍ଣିମା ଦେଖି ଚାଲି ଯାଇଥିଲେ । ପୁନରାୟ ଶ୍ରୀଗୁଣ୍ଡିଚା ତିନି ଚାରିଦିନ ପୂର୍ବରୁ ଅତିରିକ୍ତ ଟ୍ରେନ ଯୋଗେ ଅଧିକାଂଶ ବଙ୍ଗଦେଶୀୟ ଯାତ୍ରୀ ଆସିଥିଲେ ।

ଏ ବର୍ଷ ପ୍ରାୟ ହ ୨୧ ଜାର ଯାତ୍ରୀ ରହିବାର ଉପଯୋଗୀ ଚାରି ଶତ ଘର ପାଶ ହୋଇଥିଲା । ଅନେକ ଯାତ୍ରୀ ଭଡ଼ା ଭୟରେ ଇତସ୍ତତଃ ପଡ଼ି ରହି ଦର୍ଶନାନ୍ତେ ଚାଲି ଯାଇଥିଲେ । ଲଜିଂ ହାଉସ ଅଫିସର ଡ଼ାକ୍ତର ସାହେବ ପ୍ରଥମବାର ପାଶ ଘରମାନ ଦେଖି ଯାହା ଅଭାବ ଦେଖିଲେ ଦ୍ୱିତୀୟବାର ସକାଶେ ଘର ପ୍ରତି ଏକ ଟଙ୍କା ଫିସ୍ ନେଇ ପୁନର୍ବାର ପରିଦର୍ଶନ କରିଥିଲେ । ସେଥିରେ ଆଦେଶ ତ୍ରୁଟି ଦେଖିଲେ ତୃତୀୟ, ଚତୁର୍ଥ ଓ ପଞ୍ଚମବାର ସକାଶେ ଯଥାକ୍ରମେ ପ୍ରତ୍ୟେକ ଯାତ୍ରୀ ପ୍ରତି ଚାରିଅଣା, ବାରଅଣା ଓ ଏକଟଙ୍କା ଅତିରିକ୍ତ ଫିସ ଧାର୍ଯ୍ୟ କରିଥିଲେ । ଡ଼ାକ୍ତର ସାହେବ ଉପଯୁକ୍ତ ବିବେଚନା ନ କରିବା ପର୍ଯ୍ୟନ୍ତ ଲୋକ ପାଶ ପାଇ ନଥିଲେ । ଏହି ନୂତନ ରୀତି ଅନୁସାରେ ଅତିରିକ୍ତ ଫିସ ଦେଇ ଲୋକେ ବଡ଼ ବ୍ୟସ୍ତ ହୋଇଥିଲେ । ସୁଖର ବିଷୟ ଏ ଯାତ୍ରାରେ ଓଲାଉଠା ପ୍ରଭୃତି କୌଣସି ଭୟ ନଥିବାରୁ ଯାତ୍ରୀମାନେ ସୁଖରେ ଦର୍ଶନ କରି ଚାଲି ଯାଇଅଛନ୍ତି । ●

ଅତୀତ ପୃଷ୍ଠାରୁ .....

## ଭୋଗରେ ବିଷ୍ଣୁ ତଳେ ମିସି * କୈବଲ୍ୟ ରୁପ ବ୍ରହ୍ମରାଶି

ପାଞ୍ଚଶହ ବର୍ଷରୁ ଅଧିକ ବର୍ଷ ତଳର କଥା । ମହାପୁରୁଷ ଅଚ୍ୟୁତାନନ୍ଦ ଲେଖିଥିଲେ 'ଭବିଷ୍ୟ ଗୀତା ମାହାତ୍ମ୍ୟ' । ଏହି ମହାତ୍ମ୍ୟରୁ 'କ୍ଷେତ୍ର ଗୀତା' ପ୍ରସଙ୍ଗ ଜଣାପଡ଼େ । ପାଞ୍ଚୋଟି ଅଧ୍ୟାୟକୁ ନେଇ ଏହି କ୍ଷେତ୍ରଗୀତା । ଶେଷରେ ଲେଖାଅଛି 'ଭବିଷ୍ୟ ଗୀତା ଟୀକା ସଂପୂର୍ଣ୍ଣ' ଏହି ଗୀତାର ନକଲକାର ଘଗରା ଡାମରାପୁରର ବଇ ପୃଷ୍ଟି । ସେ ନିଜେ ପୋଥିରୁ ନକଲ କରିବା କଥା ଶେଷରେ ଲେଖିଛନ୍ତି ।

କ୍ଷେତ୍ର ଗୀତାରେ ନେମାଳ ଗୋସେଇଁ ଶ୍ରୀକ୍ଷେତ୍ରର ରହସ୍ୟ ବଖାଣିଛନ୍ତି ।

କ୍ଷେତ୍ର ଶ୍ରୀକ୍ଷେତ୍ରେ ନିଧି ଧାମ
ଶ୍ରୀପୁରୁଷୋତ୍ତମ ତା ନାମ ॥
XX XX XX XX
ନିତ୍ୟ ବୈକୁଣ୍ଠ ବିଷ୍ଣୁକ୍ଷେତ୍ର
ସେ ଭୂମି ସ୍ପର୍ଶନେ ପବିତ୍ର ॥ (ପ୍ରଥମ ଅଧ୍ୟାୟ)



ନିଘା କରିବା କଥା 'ନିତ୍ୟ ବୈକୁଣ୍ଠ' ପଦକୁ । ଅଚ୍ୟୁତ ଗୋସେଇଁ ଠାରରେ ଢେର ରହସ୍ୟ ଠାରି ଦେଇଛନ୍ତି ବହୁ ପୋଥି ପତ୍ରରେ । ଇଠି ନିତ୍ୟବୈକୁଣ୍ଠ ପଦ ଠାରି ଦେଇ ମଉନ ହୋଇ ନାହାଁନ୍ତି । ବୁଝେଇଛନ୍ତି ଯେ, ତା ଭିତରେ ବି ଗଣ୍ଠି ରଖିଛନ୍ତି ! ପ୍ରସଙ୍ଗ ଆଳରେ ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ରୋହିଣୀ କୁଣ୍ଡ ଓ ମହୋଦଧି ତୀର୍ଥ ସ୍ନାହାନ ଫଳ ବି ଚେତେଇ ଦେଇଛନ୍ତି ।

ମହାପ୍ରଭୁଙ୍କ ଅବକାଶ ବେଳେ ଦେବଗଣ ମଣିଷ ରୂପରେ ଶ୍ରୀମନ୍ଦିରକୁ ଆସୁଥିବା ରହସ୍ୟ ହେଜେଇ ଦେବା ସହିତ ତାଙ୍କୁ କିମିତି ଚିହ୍ନିବା ତା'ର ତରିକା ପ୍ରକାଶ କରିଛନ୍ତି । ପୁଣି ଠାରି ଦେଇଛନ୍ତି ପ୍ରକାଶ ନ କରିବାକୁ । ଚିହ୍ନଟ ପ୍ରକ୍ରିୟାରେ 'ନିର୍ମାଲ୍ୟ'କୁ ଅନ୍ୟତମ ମାଧ୍ୟମ ବୋଲି ମନେ ପକେଇ ଦେଇଛନ୍ତି । କେବଳ ଦେବଗଣଙ୍କ ଆସିବା ରହସ୍ୟର ଶେଷତମ ଠାର ହେଉଛି ପ୍ରୟୋଗ କରିଥିବା ନିତ୍ୟବୈକୁଣ୍ଠ ପଦ । ନଇଲେ ଶ୍ରୀକ୍ଷେତ୍ରକୁ ନିତ୍ୟବୈକୁଣ୍ଠ ବୋଲି ଯୋଗୀଏ ଘେନିଥାନ୍ତେ କିଆଁ !

ମହାପୁରୁଷ କହିଲେ ନିତ୍ୟବୈକୁଣ୍ଠରେ ବିଜେ କରିଛନ୍ତି 'ସ୍ୱୟଂ କଳ୍ପତରୁ ଯହିଁ', ଗୋସେଇଁଙ୍କ ଭାଷାରେ ପୁରସ୍ତମର ଶ୍ରୀପୁରୁଷୋତ୍ତମ ହେଉଛନ୍ତି ଶ୍ରୀ କଳ୍ପତରୁ । ଇୟେ ବି ଏକ ଅଜପା-ଜପ ଯୋଗର ପାରିଭାଷିକ ଠାର । ଶ୍ରୀ କଳ୍ପତରୁଙ୍କ ସେବକେ ନିଜକୁ ନିଜେ ଜାଣି ପାରୁ ନଥିବା କଥା ପ୍ରକାଶ କରିଛନ୍ତି :-

ସେଠାରେ ଯେତେକ ସେବକ
ମନୁଷ୍ୟ ଦେହେ ସବୁ ଲୋକ
ନିତ୍ୟ ସେବାରେ ଖଟିଥାନ୍ତି
ନିଜ ମହିମା ନ ଜାଣନ୍ତି ॥ (ପ୍ରଥମ ଅଧ୍ୟାୟ)


ଶ୍ରୀକଳ୍ପତରୁଙ୍କ ଅନ୍ତରଙ୍ଗ ସେବକଙ୍କୁ ଜାଣିବା ଉପାୟ ବି ବତେଇ ଦେଇଛନ୍ତି । ଏଥିରେ ମାଧ୍ୟମ ଶ୍ରୀଲୋକନାଥଙ୍କ ପାଦୁକ ଜଳ, ଦକ୍ଷିଣଦୁଆର ଶ୍ରୀହନୁମାନ ଓ ସ୍ୱର୍ଗଦ୍ୱାର । ପୁଣି କହୁଛନ୍ତି - ସେମାନେ ଯେ ଶ୍ରୀକୃଷ୍ଣଙ୍କ ଭକ୍ତ ଥିଲେ ଚିହ୍ନିବାରେ ବିଳମ୍ବ ହେବ ନାହିଁ । କେବଳ ସେଇମାନେ ନୁହଁନ୍ତି, ସିଦ୍ଧ - ଚାରଣ - ବିଦ୍ୟାଧର ଗଣ ବି କ୍ଷତ୍ରିୟ ରୂପରେ କ୍ଷେତ୍ରରେ ଉଭା ହୋଇଛନ୍ତି । ଅଚ୍ୟୁତ ଗୋସେଇଁ ଯୋଗବଳରେ ଜାଣିପାରିଛନ୍ତି ଭୋଗମଣ୍ଡପରେ ଭୋଗବେଳେ ପ୍ରଭୁ ହୋଇଥାନ୍ତି ଶ୍ରୀ ବ୍ରହ୍ମଜ୍ୟୋତିଃ । ଭୋଗରେ ସେଇ ତେଜ ମିଶି ବ୍ରହ୍ମ ହୋଇଯାନ୍ତି କୈବଲ୍ୟ ରୂପ

ଭୋଗରେ ବିଷ୍ଣୁ ତେଜ ମିସି । କୈବଲ୍ୟ ରୂପ ବ୍ରହ୍ମରାଶି ॥ (ପ୍ରଥମ ଅଧ୍ୟାୟ)

* ପୋଥି ନକଲରେ 'ମିସି' ଶବ୍ଦ ରହିଥିବାରୁ ତାହା ଅବିକଳ ରହିଅଛି ।

● *ଡ଼ଃ.ସୁରେନ୍ଦ୍ର କୁମାର ମିଶ୍ର- ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ*

# ଫଟୋରେ ସଂବାଦ...



ତା. ୨୯.୦୪.୧୮ରେ ଓଡ଼ିଶା ଏବଂ ବିହାରର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ସତ୍ୟପାଲ୍ ମଲ୍ଲିକ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୦୪.୦୫.୧୮ରେ କେନ୍ଦ୍ର ଖଣି ବିଭାଗର ଅତିରିକ୍ତ ସଚିବ ଡଃ. କେ. ରାଜେଶ୍ୱର ରାଓ ଶ୍ରୀମନ୍ଦିରରୁ ଶ୍ରୀମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୧୨.୦୫.୧୮ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ବିନୀତ୍ କୁମାର ଶରଣ 'ଜଗମୋହନ ମରାମତି କାର୍ଯ୍ୟ ଏବଂ ଜୟବିଜୟ ସ୍ଥିତି ଯାଞ୍ଚ' ପରିପ୍ରେକ୍ଷୀରେ ସପରିବାର ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ରଥ ନିର୍ମାଣ ନିମନ୍ତେ କମାର ସେବକମାନେ ଦୋଳବେଦୀ ନିକଟସ୍ଥ ଅସ୍ଥାୟୀ 'କମାରଶାଳ 'ଠାରେ ରଥରେ ଲାଗିବାକୁ ଥିବା କଣ୍ଟା ସାମଗ୍ରୀଗୁଡ଼ିକୁ ପ୍ରସ୍ତୁତ କରୁଛନ୍ତି ।



ଶ୍ରୀବିଗ୍ରହମାନଙ୍କ ରଥଯାତ୍ରା ନିମନ୍ତେ ୩ଟି ରଥର ଚକ ପ୍ରସ୍ତୁତ କରାଯାଉଛି ।




ମହାପ୍ରଭୁଙ୍କ ରଥ ନିର୍ମାଣ ନିମନ୍ତେ ରଥଖଳା ଠାରେ ଭୋଇ ସେବକମାନେ 'ରଥ ଶଗଡ଼ି'ରେ ରଥକାଠ ବୋହି ନେଉଛନ୍ତି ।

# ଫଟୋରେ ଅନ୍ୟାନ୍ୟ...



ତା. ୧୭.୦୪.୧୮ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ବରିଷ୍ଠ କମିଟି ସଦସ୍ୟ ବାବା ସଚ୍ଚିଦାନନ୍ଦ ଦାସମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚ୍ଛଳନା କମିଟି ବୈଠକ ।




ତା. ୧୮.୦୪.୧୮ରେ ଅକ୍ଷୟ ତୃତୀୟା ପରିପ୍ରେକ୍ଷୀରେ ଚନ୍ଦନ ଯାତ୍ରା ପାଇଁ ସୁନା ଗୋସାଇଁ ସେବକମାନେ ମହାପ୍ରଭୁଙ୍କ ନିମନ୍ତେ ଅଳକା (ପୁଷ୍ପ ଅଳଙ୍କାର) ପ୍ରସ୍ତୁତ କରୁଛନ୍ତି ।




ତା. ୨୬.୦୪.୧୮ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ପ୍ରଦୀପ କୁମାର ଜେନା ଗୁଣ୍ଡିଚ୍ଚା ମନ୍ଦିର ଠାରେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କ ସହିତ 'ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ' ସମ୍ପର୍କରେ ଆଲୋଚନା କରୁଛନ୍ତି ।



ତା. ୦୫.୦୪.୧୮ରେ ଭଉଁରୀ ଅବସରରେ ଚ୍ନନ ଚ୍କଡ଼ା ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାରଂପରିକ ସଂଗୀତ କ୍ଷେତ୍ରର ଆଜୀବନ ସାଧକମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରୁଛନ୍ତି ।



ତା. ୦୮.୦୫.୧୮ରେ ରଥଖଳା ଠାରେ ଶ୍ରୀମନ୍ଦିର ପରିଚ୍ଛଳନା କମିଟିର ସଦସ୍ୟ ଶ୍ରୀଯୁକ୍ତ ରାମଚନ୍ଦ୍ର ଦାସମହାପାତ୍ର ମହାରଣା ସେବକ ଏବଂ ବନ ଅଧିକାରୀମାନଙ୍କ ସହ ରଥ ନିର୍ମାଣ କାର୍ଯ୍ୟ ସଂପର୍କରେ ଆଲୋଚନା କରୁଛନ୍ତି ।



ତା. ୧୩.୦୫.୧୮ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା ରଖଖଳା ଠାରେ ରଥ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

# ମଳମାସରେ ଶ୍ରୀମନ୍ଦିରରେ ଶ୍ରୀପୁରୁଷୋତ୍ତମ ଉପାସନା

ଜ୍ୟୋତିଷ ଗଣନା ଅନୁସାରେ ସୌରମାନ ବର୍ଷର ଦିନ ସଂଖ୍ୟା ୩୬୫ଦିନ ୬ଘଣ୍ଟା । ଚାନ୍ଦ୍ରମାନ ବର୍ଷର ଦିନସଂଖ୍ୟା ୩୫୪ଦିନ । ସୌରମାନ ବର୍ଷର ଦିନଠାରୁ ଚାନ୍ଦ୍ରମାନ ବର୍ଷର ଦିନ ୧୧ଦିନ ୬ଘଣ୍ଟା କମ୍ । ଜ୍ୟୋତିଷ ଗଣନା ଅନୁସାରେ ସୌରମାନ ବର୍ଷ ସହିତ ଚାନ୍ଦ୍ରମାନ ବର୍ଷର ସମତା ରକ୍ଷା କରିବା ନିମନ୍ତେ, ଚାନ୍ଦ୍ରମାନ ବର୍ଷର ନ୍ୟୂନତାର ପରିପୂର୍ଣ୍ଣତା ପାଇଁ ଚାନ୍ଦ୍ରମାନ ମାସ ଗଣନାରେ ୨୮ରୁ ୩୪ ମାସ ଅନ୍ତରରେ ଗୋଟିଏ 'ଅଧିକ ମାସ' ଗଣନା କରାଯାଏ । ଚାନ୍ଦ୍ରମାନ ମାସ ଗଣନାରେ ଏହି ଅଧିକ ମାସଟିକୁ ଅଧିମାସ, ମଳମାସ ବା ପୁରୁଷୋତ୍ତମ ମାସ କୁହାଯାଏ । ପରାଶରଙ୍କ ମତରେ ମଳମାସରେ ହୋମ, ପ୍ରତିଷ୍ଠା, ଯଜ୍ଞ, ଦାନ, ବ୍ରତ, ବୃଷୋତ୍ସର୍ଗ, ଚୂଡ଼ାକରଣ, ବାପୀ, ତଡ଼ାଗ, କୂପାଦି ପ୍ରତିଷ୍ଠା କର୍ମ, ଅଭିଷେକାଦି ମଙ୍ଗଳମୟ କର୍ମଗୁଡ଼ିକ ବର୍ଜନ କରିବା ବିଧେୟ । ଗୃହ୍ୟ ପରିଶିଷ୍ଟରେ ଉଲ୍ଲେଖ ରହିଛି, ମଳମାସରେ ବେଦବିହିତ ନୈମିତ୍ତିକ ଓ କାମ୍ୟକର୍ମାଦି କରାଯାଏ ନାହିଁ । ମଳମାସରେ ସମସ୍ତ ଶୁଭକର୍ମ ବର୍ଜନୀୟ ହେତୁ ଜ୍ୟୋତିଷ ଶାସ୍ତ୍ରରେ ଏହି ମାସକୁ 'ଅସୁରମାନଙ୍କର ମାସ' ବୋଲି ଅଭିହିତ କରାଯାଇଛି ।ବର୍ଷକ ବାର ମାସ । ବିଭିନ୍ନ ନାମରେ ଭଗବାନ ବିଷ୍ଣୁ ଏହି ବାରଗୋଟି ମାସର ଅଧିପତି ଅଟନ୍ତି । ଭଗବାନ ବିଷ୍ଣୁଙ୍କର ବାର ମାସରେ ବାରଗୋଟି ଆରାଧ ନାମ ହେଲା :- ମାର୍ଗଶିରରେ- କେଶବ, ପୌଷରେ- ନାରାୟଣ, ମାଘରେ- ମାଧବ, ଫାଲଗୁନରେ- ଗୋବିନ୍ଦ, ଚୈତ୍ରରେ - ବିଷ୍ଣୁ, ବୈଶାଖରେ- ମଧୁସୂଦନ, ଜ୍ୟେଷ୍ଠରେ- ତ୍ରିବିକ୍ରମ, ଆଷାଢ଼ରେ - ବାମନ, ଶ୍ରାବଣରେ- ଶ୍ରୀଧର, ଭାଦ୍ରବରେ- ହୃଷୀକେଶ, ଆଶ୍ୱିନରେ- ପଦ୍ମନାଭ ଓ କାର୍ତ୍ତିକରେ- ଦାମୋଦର ।



ଆଦିକାଳରେ ଯେତେବେଳେ ଅଧିମାସ ବା ମଳମାସର ଉତ୍ପତ୍ତି ହେଲା, ସେତେବେଳେ ଅନ୍ୟ ମାସମାନଙ୍କ ପରି ସେହି ମାସରେ ସ୍ୱାମୀ ନଥିବାରୁ ସ୍ୱାମୀରହିତ ମଳମାସ ଦେବପୂଜନ ଓ ବିବାହ ବ୍ରତାଦି ଶୁଭକର୍ମ ନିମିତ୍ତ ଅଯୋଗ୍ୟ ହେଲା । କେହି ଏହି ଅଧିମାସ ବା ମଳମାସକୁ ଆଦର କଲେ ନାହିଁ । ସେ ଅତ୍ୟନ୍ତ ଦୁଃଖରେ କାତର ହୋଇ ସର୍ବଦୁଃଖ ହରଣକାରୀ ବୈକୁଣ୍ଠାଧିପତି ଶ୍ରୀବିଷ୍ଣୁଙ୍କ ନିକଟରେ ଶରଣ ପଶିଲା । ଶରଣରକ୍ଷଣ ମହାବାହୁ ଶ୍ରୀବିଷ୍ଣୁଙ୍କୁ ଦଣ୍ଡବତ୍ ପ୍ରଣାମପୂର୍ବକ ନେତ୍ରଯୁଗଳରୁ ଲୋତକ ଝରାଇ ମଳମାସ କହିଲା - ହେ ଦୀନବନ୍ଧୋ ! ମୋର ନାମ ମଳମାସ । ସଂସାରରେ ଲୋକେ ମୋତେ 'ସକଳ ଶୁଭକର୍ମ ବିବର୍ଜିତ ନିନ୍ଦନୀୟ ମାସ' ବୋଲି ଜାଣି ହତାଦର କରୁଛନ୍ତି । ଏଣୁ ମୁଁ ନିଜକୁ ହୀନ ମନେ କରୁଛି । ହେ ମହାପ୍ରଭୁ ! ମୋତେ ରକ୍ଷାକରନ୍ତୁ । ଶରଣାପନ୍ନ ମଳମାସର ଦୟନୀୟ ଅବସ୍ଥା ଅବଲୋକନ କରି ଦୟାଳୁ ଭଗବାନ ବିଷ୍ଣୁ ତାହାକୁ ସଙ୍ଗରେ ନେଇ ଗୋଲୋକ ଧାମକୁ ଗମନକଲେ ।ଭଗବାନ ବିଷ୍ଣୁ ମଳମାସକୁ ଗୋଲୋକାଧିପତି ଶ୍ରୀକୃଷ୍ଣଙ୍କ ଚରଣକମଳରେ ନତମସ୍ତକ କରାଇଲେ । ମଳମାସ ନିଜର ଦୟନୀୟ ସ୍ଥିତି ସମ୍ପର୍କରେ ଗୋଲୋକାଧୀଶ ଭଗବାନ ଶ୍ରୀକୃଷ୍ଣଙ୍କୁ ଅବଗତ କରାଇବାରୁ ପ୍ରଭୁ କହିଲେ, ହେ ବିଷ୍ଣୋ ! ମୁଁ ମଳମାସର ଦୁଃଖକୁ ବୁଝିପାରୁଛି । ଅନ୍ୟ ମାସମାନଙ୍କ ପରି ସେ ମଧ୍ୟ ଗୋଟିଏ ମାସ । ଏହି ମାସଟି ଯେପରି ସର୍ବୋତ୍ତମ ମାସର ମାନ୍ୟତା ଲାଭ କରିପାରିବ ମୁଁ ସେ ବ୍ୟବସ୍ଥା କରିବି । ମୁଁ ଏହାକୁ ନିଜ ତୁଲ୍ୟ କରିବି । ଲୋକ ଓ ବେଦରେ ମୁଁ ଯେପରି ପୁରୁଷୋତ୍ତମ ନାମରେ ଖ୍ୟାତ,ଏହି ମଳମାସ ମଧ୍ୟ ସଂସାରରେ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ହେବ । ଆଜି ଠାରୁ ମୁଁ ଏହି ମାସର ଅଧିପତି ହେଲି । ମୋ ପାଖରେ ଯେତେ ସଦ୍‌ଗୁଣ ରହିଛି, ସେସବୁକୁ ଆଜି ଠାରୁ ମୁଁ ମଳମାସକୁ ପ୍ରଦାନ କରୁଛି । ସେହି ଦିନଠାରୁ ମଳମାସ ପୁରୁଷୋତ୍ତମ ମାସ ନାମରେ ଖ୍ୟାତ ହେଲା । ସେଥିପାଇଁ ମଳମାସ ଆସିଲେ ଅନେକ ଶ୍ରଦ୍ଧାଳୁ ଶ୍ରୀପୁରୁଷୋତ୍ତମଙ୍କ ଉପାସନା କରି ବ୍ରତ ପାଳନ କରିବା ସହିତ ହବିଷ୍ୟ ପାଳନ କରିଥାନ୍ତି । ବିଭିନ୍ନ ଶାସ୍ତ୍ରରେ ଶ୍ରୀଜଗନ୍ନାଥ ହିଁ ଶ୍ରୀପୁରୁଷୋତ୍ତମ ବୋଲି ଉଲ୍ଲେଖ ରହିଛି । ଏଥିପାଇଁ ମଳମାସରେ ଶ୍ରୀମନ୍ଦିରରେ ଶ୍ରୀପୁରୁଷୋତ୍ତମଙ୍କର ସ୍ୱତନ୍ତ୍ର ଉପାସନା ବିଧି ରହିଛି ।

ଶ୍ରୀମନ୍ଦିର ଭିତର ବେଢ଼ାର ୯୧ ନମ୍ବର ପ୍ଲଟରେ ଅଧିମାସ ମନ୍ଦିର ଅବସ୍ଥିତ । ଏହା ପୁରୁଷୋତ୍ତମ ମନ୍ଦିର ନାମରେ ଖ୍ୟାତ । ଏହି ମନ୍ଦିରଟି କଳ୍ପବଟ ନିକଟରେ ଓ ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ଅବସ୍ଥିତ । ଏହି ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଶ୍ରୀଲୋକନାଥଙ୍କ ମନ୍ଦିର ଓ ବାମ ପାର୍ଶ୍ୱରେ ଶ୍ରୀଯମେଶ୍ୱର ମନ୍ଦିର ଅବସ୍ଥିତ । ଅତ୍ୟନ୍ତ ପ୍ରାଚୀନ ଏହି ମନ୍ଦିରର ଉଚ୍ଚତା ପ୍ରାୟ ୧୧ ଫୁଟ । ମନ୍ଦିର ଅଭ୍ୟନ୍ତରରେ ଦକ୍ଷିଣପାର୍ଶ୍ୱରେ ଶ୍ରୀନାରାୟଣ ମୂର୍ତ୍ତି ଥିବାବେଳେ ବାମପାର୍ଶ୍ୱରେ ବରାହ ନାରାୟଣ ଅବସ୍ଥାନ କରିଛନ୍ତି । କଳାମୁଗୁନି ପଥରରେ ନିର୍ମିତ ଉଭୟ ମୂର୍ତ୍ତି ଅତ୍ୟନ୍ତ ପ୍ରାଚୀନ ଓ କମନୀୟ । ଏହି ମନ୍ଦିରରେ ଅବସ୍ଥିତ ଶ୍ରୀନାରାୟଣ ମୂର୍ତ୍ତିଙ୍କୁ ଅଧିମାସର ଅଧିପତି ଶ୍ରୀପୁରୁଷୋତ୍ତମ ଭାବରେ ଭକ୍ତମାନେ ପୂଜା କରିଥାନ୍ତି । ଚତୁର୍ଭୁଜ ବିଶିଷ୍ଟ ଶ୍ରୀନାରାୟଣ ଧ୍ୟାନମୁଦ୍ରାରେ ସୁଖାସୀନ ହୋଇ ପଦ୍ମପାଖୁଡ଼ାରେ ଉପବେଶନ କରିଛନ୍ତି । ସେ ଉପର ଦକ୍ଷିଣ ହସ୍ତରେ ଚକ୍ର ଧାରଣ କରିଥିବା ସ୍ଥଳେ ବାମ ଉପର ହସ୍ତରେ ଶଙ୍ଖ ଧାରଣ କରିଛନ୍ତି । ତଳ ଦୁଇ ହସ୍ତ ଅର୍ଥାତ୍ ବାମ ହସ୍ତର ପାପୁଲି ଉପରେ ଦକ୍ଷିଣ ହସ୍ତର ପାପୁଲି ରଖି ଧ୍ୟାନ ମୁଦ୍ରାରେ ଉପବିଷ୍ଟ । ଚକ୍ଷୁ ଅର୍ଦ୍ଧ ନିମିଳିତ । ଏହି ମନ୍ଦିର ମଧ୍ୟରେ ବିରାଜିତ ଶ୍ରୀବରାହ ମଧ୍ୟ ଶ୍ରୀପୁରୁଷୋତ୍ତମ । ବିଷ୍ଣୁ ପୁରାଣରେ ଉଲ୍ଲେଖ ରହିଛି, ଅସୁରରାଜ ହିରଣ୍ୟାକ୍ଷ ଦ୍ୱାରା ଧରିତ୍ରୀ ରସାତଳଗାମୀ ହେବାରୁ, ଦେବୀ ଧରିତ୍ରୀ ନିଜର ରକ୍ଷା ନିମନ୍ତେ ଶ୍ରୀପୁରୁଷୋତ୍ତମଙ୍କୁ ପ୍ରାର୍ଥନା କରିଥିଲେ । ଭଗବାନ ଶ୍ରୀପୁରୁଷୋତ୍ତମ, ଦେବୀଙ୍କ ସ୍ତୁତିରେ ପ୍ରସନ୍ନ ହୋଇ ମହାବରାହରୂପ ଧାରଣ କରି ତାଙ୍କୁ ଉଦ୍ଧାର କରିଥିଲେ ।

ଅଧିମାସ ଆରମ୍ଭ ଅର୍ଥାତ୍ ଅମାବାସ୍ୟା ପରବର୍ତ୍ତୀ ପ୍ରତିପଦା ଠାରୁ ମଳମାସ ଶେଷ ପର୍ଯ୍ୟନ୍ତ ଅନେକ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଭିତର ବେଢ଼ାସ୍ଥ ଉକ୍ତ ମନ୍ଦିରରେ ବିରାଜିତ ଶ୍ରୀନାରାୟଣଙ୍କୁ ଶ୍ରୀପୁରୁଷୋତ୍ତମ, ଭାବେ ଉପାସନା କରି ଏଠାରେ ଗୁଆ ଓ ନଡ଼ିଆ ବସାଇ ସଂକଳ୍ପ କରନ୍ତି ଏବଂ ଏକମାସ ଧରି ହବିଷ୍ୟ ପାଳନ କରନ୍ତି । ସଂକଳ୍ପ କରିଥିବା ବ୍ୟକ୍ତି ପ୍ରତିଦିନ ଶ୍ରୀପୁରୁଷୋତ୍ତମଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ଫଳ ଓ ଫୁଲ ଲାଗି କରିଥାନ୍ତି । ଏକମାସ ପୂର୍ଣ୍ଣ ହେଲେ ବ୍ରତ ଉଦ୍‌ଯାପନ କରନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଏହି ମନ୍ଦିରରେ ଥିବା ଠାକୁର କେବଳ ଅଧିମାସ ସମୟରେ ହିଁ 'ସାଧାରଣ ଦର୍ଶନ' ଦେବା ସହ ପୂଜା ପାଇଥାନ୍ତି ।

*ଡଃ. ନରେଶ ଚନ୍ଦ୍ର ଦାଶ*
*ଅଧକ୍ଷ, ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ପୁରୀ*

## ବୃଷ ସଂକ୍ରାନ୍ତି ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧୫.୦୫.୧୮ ରିଖ - ମଙ୍ଗଳବାର | ଶ୍ରୀମନ୍ଦିରରେ ବୃଷ ସଂକ୍ରାନ୍ତି, ସାବିତ୍ରୀ ଅମାବାସ୍ୟା |
| ତା. ୨୦.୦୫.୧୮ ରିଖ - ରବିବାର | ଶ୍ରୀମନ୍ଦିରରେ ଜଳକ୍ରୀଡ଼ା |
| ତା. ୨୫.୦୫.୧୮ ରିଖ - ଶୁକ୍ରବାର | ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଓ ପୁରୁଷୋତ୍ତମ ଏକାଦଶୀ |
| ତା. ୨୯.୦୫.୧୮ ରିଖ - ମଙ୍ଗଳବାର | ଶ୍ରୀମନ୍ଦିରରେ ଜଳକ୍ରୀଡ଼ା, ମଳପୂର୍ଣ୍ଣିମା |
| ତା. ୦୫.୦୬.୧୮ ରିଖ- ମଙ୍ଗଳବାର | ଶ୍ରୀମନ୍ଦିରରେ ଜଳକ୍ରୀଡ଼ା, ଷଷ୍ଠୀ |
| ତା. ୧୦.୦୬.୧୮ ରିଖ - ରବିବାର | ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ |
| ତା. ୧୩.୦୬.୧୮ ରିଖ - ବୁଧବାର | ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଅମାବାସ୍ୟା |

ବି.ଦ୍ର. :- ତା. ୧୬.୦୫.୧୮ ରିଖ ଠାରୁ ତା. ୧୩.୦୬.୧୮ ରିଖ ପର୍ଯ୍ୟନ୍ତ ମଳ ମାସ ପଡୁଛି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : Jagannath.or@nic.in * Web Site : www.jagannath.nic.in**
**Printed at : Rama Press, North Gate, Puri, Ph. : 222145**
ମୂଲ୍ୟ : ଦୁଇଟଙ୍କା ମାତ୍ର